**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**14 December - 2024**

**News Editor : *Itishree Singh Rathaur***

---

# ମୁଖ୍ୟଶାସନ ସଚିବ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜିଠାରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନସଚିବଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହେବ । ସମ୍ମିଳନୀରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ଆଲୋଚନା ହେବ। ଏହାସହ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଉଦ୍ୟମିତା, ଦକ୍ଷତା ବିକାଶ, ନବୀକରଣ ଉର୍ଜା, ନିରନ୍ତର ବିକାଶ ଆଦି ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି।

---

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୪୫ କୋଟି ୭୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮୮ଟି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସ୍ଥାନୀୟ ଡିଏନ୍‌କେ ପଡ଼ିଆରେ ଗତକାଲି ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ମାଲ୍ୟବନ୍ତ ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ,

ମାଲକାନଗିରି ଜିଲ୍ଲାର ଆଦିବାସୀ, କଳା ଓ ସଂସ୍କୃତି ବିଶ୍ୱ ଦରବାରରେ ପରିଚିତ ହେବ । ଜିଲ୍ଲାର ସାମଗ୍ରିକ ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗତକାଲିଠାରୁ ମାଲକାନଗିରି, କୋରାପୁଟ ଓ ସମ୍ବଲପୁରକୁ ତିନିଦିନିଆ ଗସ୍ତରେ ଯାଇଛନ୍ତି।

# ପୂର୍ବୋଦୟ ଯୋଜନା

ଭୁବନେଶ୍ୱରରେ ଆଜିଠାରୁ ପୂର୍ବୋଦୟ ଯୋଜନା-୨୦୨୪ର ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ସମ୍ମିଳନୀର ଦ୍ୱିତୀୟ ସଂସ୍କରଣର ବିଷୟବସ୍ତୁ ରହିଛି **ଭାରତର ସାମୁଦ୍ରିକ ଐତିହ୍ୟର ପୁନରୁଦ୍ଧାର : ଦୃଷ୍ଟିକୋଣ, ସମ୍ଭାବନା ଓ ପୂର୍ବାନୁମାନ ।** ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଜୟଦୀପ ମଜୁମଦାର ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୋଜନା, ନିର୍ଦ୍ଧାରଣ ଓ ଗବେଷଣା ବିଭାଗ **ଦ ଏନର୍ଜି ଫୋରମ ସି ଆଇ ଆଇ, ପୂର୍ବୋଦୟ ସଂସ୍ଥାନ** ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଟ୍ରିବ୍ୟୁନାଲ୍

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ନୂତନ ଅଧ୍ୟକ୍ଷ ଭାବେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କୁ ନିଯୁକ୍ତି ମିଳିଛି । ଏ ନେଇ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନା

ଅନୁସାରେ ଜଷ୍ଟିସ୍ ଏ.ଏମ୍. ଖାନଓ୍ୱିଲ୍କରଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଥିବା ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ ମସିହାରେ କେନ୍ଦ୍ର ସରକାର ଏହି ଟ୍ରିବ୍ୟୁନାଲ୍ ଗଠନ କରିଥିଲେ ।

---

# ଲୋକଅଦାଲତ

ରାଜ୍ୟରେ ଆଜି ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଶା ହାଇକୋର୍ଟ ସମେତ ବିଭିନ୍ନ ଅଦାଲତରେ ମାମଲା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ । ଲୋକଅଦାଲତ ପାଇଁ ପ୍ରାୟ ଦେଢ଼ଲକ୍ଷ ମାମଲା ତାଲିକାଭୁକ୍ତ ହୋଇଛି ।

---

# ଶକ୍ତି ସଂରକ୍ଷଣ ଦିବସ

ଶକ୍ତି ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ଏହି ଦିବସ ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ବାର୍ତ୍ତାରେ କହିଛନ୍ତି ଶକ୍ତି ସଂରକ୍ଷଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବେଶ ସନ୍ତୁଳନ ରଖିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଓ ସମୃଦ୍ଧମୟ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ଦୈନନ୍ଦିନ ଜୀବନରେ ଶକ୍ତି ସଂରକ୍ଷଣ ଦିଗରେ ଛୋଟଛୋଟ ପଦକ୍ଷେପ ମଧ୍ୟ ଶକ୍ତିର ଅପଚୟ ହ୍ରାସ କରିବାରେ ସହାୟକ ହୋଇଥାଏ । ଜନସାଧାରଣଙ୍କର ମିଳିତ ଅବଦାନ ରାଜ୍ୟ, ଦେଶ

ତଥା ବିଶ୍ୱକୁ ସ୍ୱଚ୍ଛ ଏବଂ ସବୁଜ କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

# ପିଏମ୍ କିଷାନ ଯୋଜନା

ପିଏମ୍ କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ବର୍ଗର ଭୂମିଧାରୀ ଚାଷୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଉଛି । ପିଏମ୍ କିଷାନ ଯୋଜନାରେ ପଞ୍ଜୀକୃତ ଥାଇ ମଧ୍ୟ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଥିବା ହିତାଧିକାରୀମାନଙ୍କୁ ନିଜ ବ୍ୟାଙ୍କ ଏକାଉଣ୍ଟ ସହିତ ଏନ୍.ପି.ସି.ଆଇ. ଅଧୀନରେ ଆଧାର ଲିଙ୍କ୍ କରିବା, ଜମିଜମା ସମ୍ବନ୍ଧୀୟ ତଥ୍ୟ **କୃଷକ ଓଡ଼ିଶା ପୋର୍ଟାଲ**ରେ ଅପ୍‌ଡେଟ୍ କରିବା ତଥା **ପିଏମ୍ କିଷାନ ଡଟ୍ ଜିଓଭି ଡଟ୍ ଇନ୍** ପୋର୍ଟାଲ୍‌ରେ ଇ-କେଓ୍ୱାଇସି ସଂପୂର୍ଣ୍ଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି । ଏଥିପାଇଁ ହେଲ୍‌ପ୍ ଲାଇନ୍ ନମ୍ବର ୧୫୫-୩୩୩ ଜାରି କରାଯାଇଛି ।

# ପୁରସ୍କାର

ଅଧ୍ୟାପିକା ନିହାରିକା ଦାଶ ସ୍ମୃତି ନ୍ୟାସ ପକ୍ଷରୁ ଚଳିତବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍ ସଂଶୋଧକ ପୁରସ୍କାର ସ୍ୱର୍ଗତ ଶୈଳବାଳା ମହାପାତ୍ର ଏବଂ ଡକ୍ଟର ଶମ୍ଭୁଦୟାଲ ଅଗ୍ରଓ୍ୱାଲଙ୍କୁ ପ୍ରଦାନ କରାଯିବ । କଟକସ୍ଥିତ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିରେ ଓଡ଼ିଶା

ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡକ୍ଟର ଜଷ୍ଟିସ୍ ମଦନମୋହନ ଦାଶ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

## ଶୀତ

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ୨୬ଟି ସହରର ସର୍ବନିମ୍ନ ତାପମାତ୍ରା ଗତକାଲି ୧୫ ଡିଗ୍ରୀ ତଳେ ରହିଥିବା ରେକର୍ଡ କରାଯାଇଥିଲା । ଝାରସୁଗୁଡ଼ା, ବୌଦ୍ଧ, ଫୁଲବାଣୀ ଓ କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ଭବାନୀପାଟଣା, କୋରାପୁଟ, ଢେଙ୍କାନାଳ ଓ ବାରିପଦାରେ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଥଣ୍ଡା ଅନୁଭୂତ ହେବ ।